# Akashvani, Sambalpur

## SAMBALPURI NEWS BULLETIN

### 30 June 2025- 6.47- 6.52 am.

**********************************************

ରଥଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଷାଢ଼୍‌ମାସର୍ ଉଜଲ୍‌ପଖ୍‌ର ଚତୁର୍ଥୀ ଯୁକ୍ତ ପଂଚମୀ ତିଥି ନ ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି କରାହେବା । ଇଥିର୍‌ଲାଗି ୨ ନମ୍ବର୍ ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ରାତିର୍ ପାଖାପାଖି ୯ ବଜେନୁ ଡେରି ରାତି ୨ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡ଼େ ଗଲାକାଏଲ୍ ଚତୁର୍ଦ୍ଧାମୂର୍ତ୍ତି ଶରଧାବାଲିନୁ ଆଡ଼ପମଣ୍ଡପକେ ବିଜେ କରିଛନ୍ । ରଥ ଉପ୍‌ରେ ସନ୍ଧ୍ୟାଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ମାହାପୁରୁମାନ୍‌କୁ ଗୋଟି ପହଣ୍ଡିଥି ଗୁଣ୍ଡିଚା ମନ୍ଦିର୍‌କେ ନିଆଯାଇଥିଲା ।

ଜନ ଅଭିଯୋଗ୍ ଶୁଣାଣି-ସ୍ଥଗିତ I&PR

ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌କେ ସ୍ଥଗିତ୍ ରଖାଯାଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ଜରୁରୀ କାମ୍ ଲାଗି ଇତାକେ ସ୍ଥଗିତ୍ ରଖାଯାଇଥିବା ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ କରିଥିବା ଜନସାଧାରଣ୍‌ଙ୍କର୍ ଆପତି ଅଭିଯୋଗ୍ ଆଏବା ଶିବିର୍‌ଥି ଶୁଣାଣି କରାଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନୂଆଁ ଯାତ୍ରୀ ସଂରକ୍ଷଣ୍ ବ୍ୟବସ୍ଥା                    ପି.ଆଇ.ବି.

ଆଏବା ଡିସେମ୍ବର୍ ମାସ୍‌ତକ୍ ରେଲ୍‌ବାଇ ତର୍‌ଫୁ ନୂଆଁ ଯାତ୍ରୀ ସଂରକ୍ଷଣ୍ ବ୍ୟବସ୍ଥା-ପି.ଆର୍.ଏସ୍.-୨୦୨୫ ମୁଲ୍ କରାଯିବା । ରେଲ୍ ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ନୂଆଁ ବ୍ୟବସ୍ଥା ଅନ୍‌ସାରେ ୮ଘଂଟା ଆଘୋନୁ ଚାର୍ଟ ତିଆର୍ ହେବା । ଫି’ ମିନିଟ୍ ଦେଢ଼୍ ଲାଖ୍ ଟିକେଟ୍ କାଟି ହେବା । ସେନ୍ତା ତହାଲ୍ ଟିକେଟ୍ ଲାଗି ଆଧାର୍ ଲିଙ୍କ୍ ଜରୁରୀ କରାଯାଇଛେ । ଟିକେଟ୍ ଅନୁସନ୍ଧାନ୍ କ୍ଷମତାକେ ଦୁଇଗୁନା ବଢ଼ାଯିବାର୍

ସହେତେ ଫି' ମିନିଟ୍ ୪ ଲାଖ୍‌ନୁ ୪୦ ଲାଖ୍ ଟିକେଟ୍‌ର ଯାଂଚ୍ କରାଯାଇପାର୍‌ବା । ସେନ୍ତା ନୂଆଁ ବ୍ୟବସ୍ଥାଥି ବହୁଭାଷୀ, ଅନୁକୂଳ ଇଂଟରଫେସ୍ ସୁବିଧା ଭିଲ୍ ମିଳିପାର୍‌ବା ।

ପାନ୍‌କାର୍ଡ୍ ସଂଶୋଧନ୍ ନିୟମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜୁଲାଇ ୧ ତାରିଖ୍‌ନୁ ପେନ୍ କାର୍ଡ୍ ଆବେଦନ୍ କର୍‌ବାର୍‌କେ ହେଲେ ଆଧାର୍‌କାର୍ଡ୍‌କେ କେନ୍ଦ୍ର ସର୍‌କାର୍ ବାଧ୍ୟତାମୂଲକ୍ କରିଛନ୍ । ନୂଆଁ ନିୟମ୍ ଅନ୍‌ସାରେ ଯଦି କେନ୍‌ସି ଲୁକର୍ ପାଖେ ଆଧାର୍ କାର୍ଡ୍ ନାଇଁନ ବେଲେ ସେ ପେନ୍‌କାର୍ଡ୍ ବନେଇ ନାଇଁ ପାରନ୍ । ଇତାର୍‌ସହେତେ ଯାହାର୍ ପାଖେ ଆଘୋନୁ ପାନ୍‌କାର୍ଡ୍ ଅଛେ ଆଏବା ଡିସେମ୍ବର୍ ୩୧ ତାରିଖ୍‌ତକ୍ ଆଧାର୍ ସାଙ୍ଗେ ଲିଙ୍ଗ୍ କରାବେ । ନାହେଲେ ଆଏବା ବଛର୍ ଜାନୁଆରୀ ୧ ତାରିଖ୍‌ନୁ ପାନ୍‌କାର୍ଡ୍ ଅଚଲ୍ ହେଇଯିବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଫିନ୍‌ଲାଣ୍ଡ ଏଜୁକେୟାର୍ ଢାଂଚା ପାଠ୍‌ପଢ଼ା/ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟ ସର୍କାର୍ ଶିକ୍ଷା ବ୍ୟବସ୍ଥାଥି ସଂସ୍କାର୍ ଆନିକରି ଫିନ୍ଲାଣ୍ଡ ଏଜୁକେୟାର୍ ଢାଂଚାଥି ଅଙ୍ଗନବାଡ଼ି ନୁ ଉଚ୍ଚ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାତକ୍ ପାଠ୍ ପଢ଼ାବାର୍କେ ଲକ୍ଷ୍ୟ ରଖିଛନ୍ । ଭିଜନ୍ ଡକ୍ୟୁମେଂଟ୍-୨୦୩୬ ର ଯୋଜ୍ନା ଅନ୍ସାରେ ଫିନ୍ଲାଣ୍ଡ ଏଜୁକେୟାର୍ ଢାଂଚା ଅନ୍ସାରେ ଫି' ବ୍ଲକ୍ ନ ସ୍କୁଲ୍ କମ୍ପ୍ଲେକ୍ସ ଆଉ ହଷ୍ଟେଲ୍ ତିଆର୍ କରାଯିବା । ପଂଚାୟତ୍ମାନ୍କେ ଇଂଟିଗେଟେଡ୍ କେ-୧୨ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା । ସବୁ ବିଦ୍ୟାଳୟ ନ ଡିଜିଟାଲ୍ ଭିତିଭୂମି, ଏ.ଆଇ. ଟେକ୍ନୋଲୋଜି ବେଭାର୍ କରାଯିବା । ସ୍କୁଲ୍ ଶିକ୍ଷା ସଙ୍ଗେ ଧନ୍ଦାମୂଲକ୍ ଶିକ୍ଷାକେ ଭିଲ୍ ଜୁଡ଼ାଯିବା । ସେନ୍ତା ଶିକ୍ଷାଦାନ୍କେ ଗୁରୁତ୍ୱ ଦେଇକରି ଫି' ଜିଲ୍ଲା ନ ଶିକ୍ଷକ୍ ତାଲିମ୍ ପ୍ରତିଷ୍ଠାନ୍କେ ଲାଇଟ୍ ହାଉସ୍ ଭାବେ ଥାପ୍ନା କର୍ବାର୍କେ ରାଜ୍ୟ ସର୍କାର୍ ଲକ୍ଷ୍ୟ ରଖିଛନ୍ ।

ରାଜ୍ୟ ବିଜେପି ସଭାପତି ନିର୍ବାଚନ୍ ସ୍ଥଗିତ/ଆର୍ଏନ୍ୟୁ ସମ୍ବଲପୁର

ପୁରୀ ନ ହେଇଥିବା ଦଲାଚକ୍ଟା ଘଟ୍ନା ଲାଗି ଆଏଜ୍ଠାନୁ ହେବାର୍କେ ଥିବାର୍ ରାଜ୍ୟ ବିଜେପି ସଭାପତି ଆଉ ରାଷ୍ଟ୍ରୀୟ ପରିଷଦ୍ ନିର୍ବାଚନ୍କେ

ସ୍ଥଗିତ୍ ରଖାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀ ଆଉ ସାଂସଦ୍ ପ୍ରତାପ୍ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ । ଆଏବା ଦିନେ କେନ୍ଦ୍ରୀୟ ନେତୃବୃନ୍ଦଙ୍କର୍ ସହେତେ ଆଲୋଚନା କରିକରି ଫେର୍‌ଘାଏ ତାରିଖ୍ ବାହାର୍ କରାଯିବା ବଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

ଏସ୍.ଓ.ଏସ୍.ସି. ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍-ଏସ୍.ଓ.ଏସ୍.ସି. ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେବା । ହୋମ୍ ସାଇନ୍ସ ଥିଓରି ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍ ହେଇକରି ୧୧ ବଜେତକ୍ ଚାଲ୍‌ବା । ସେନ୍ତା ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଏବା କାଏଲ୍‌ନୁ ମୁଲ୍ ହେବା । ୬ ଟା ବିଷୟ ହେବାର୍‌କେ ଥିବା ଇ ପରୀକ୍ଷା ସଖାଲର୍ ୯ ନୁ ସାଢ଼େ ୧୧ ବଜେତକ୍ ହେବା ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ଜାତୀୟ ପରିସଂଖ୍ୟାନ୍ ଦିବସ-୧ ଆର୍‌ଏନ୍‌ୟୁ
ସମ୍ବଲପୁର/ ଦେବ୍‌ଗଡ଼୍ / ବୌଦ୍ଧ/ ବର୍‌ଗଡ଼୍/ ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ଯୋଜନା ଆଉ ପର୍ଯ୍ୟାଲୋଚନା ବିଭାଗ୍ ତରଫୁ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ୧୯ ନମ୍ବର୍ ଜାତୀୟ ପରିସଂଖ୍ୟାନ୍ ଦିବସ୍ ପାଲନ୍ କରାଯିବା ।

ସେଆଡ଼େ ସମ୍ବଲ୍‌ପୁର୍ ଜିଲ୍ଲା ଯୋଜ୍‌ନା ଆଉ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ତର୍‌ଫୁ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ନ ଜାତୀୟ ପରିସଂଖ୍ୟାନ୍ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା କୃଷି ବିଭାଗ୍ ସମ୍ମିଳନୀ କକ୍ଷ ନ ଜାତୀୟ ପରିସଂଖ୍ୟାନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରୀୟ ବିକାଶ୍ ଲାଗି ଜାତୀୟ ନମୁନା ସର୍ବେକ୍ଷଣ୍ ବିଷେ ଉପ୍‌ରେ ଆଲୋଚନା କରାଯାଇଥିଲା ।

ବୌଦ୍ଧ ପରିସଂଖ୍ୟାନ ଶାଖା ତର୍‌ଫୁ ୧୯ ନମ୍ବର୍ ଜାତୀୟ ପରିସଂଖ୍ୟାନ୍ ଦିବସ୍ ବୌଦ୍ଧ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

ବର୍‌ଗଡ଼୍ ଠାନେ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ପରିସଂଖ୍ୟାନ୍ ଦିବସ୍  ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅଧିକାରୀ

ଆଉ ଅତିଥିମାନେ ଯୋଗ୍ ଦେଇକରି ପରିସଂଖ୍ୟାନ୍ ତଥ୍ୟର ବିଶେଷ ଗୁରୁତ୍ୱ ବାବ୍‌ଦେ ଆଲୋଚନା କରିଥିଲେ ।

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ୧୯ ନମ୍ବର୍ ଜାତୀୟ ପରିସଂଖ୍ୟାନ୍ ଦିବସ୍ ଭାରପ୍ରାପ୍ତ ଜିଲ୍ଲାପାଲ୍ ସୁବାସ ଚନ୍ଦ୍ର ତରେଇଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ବଲେ ରାଏଜେ ଆଏବା ୪ ତାରିଖ୍‌ତକ୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।